# NATIONAL NEWS BULLETIN (ODIA)

## 18 January - 2025

## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ସ୍ୱାମୀତ୍ୱ ଯୋଜନା ଅଧୀନରେ ୬୫ ଲକ୍ଷ ସମ୍ପତ୍ତି କାର୍ଡ ବଣ୍ଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ପ୍ରଧାନମନ୍ତ୍ରୀ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ଆସନ୍ତାକାଲି

- ଆର୍‌ଜି କର ମେଡ଼ିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ଘଟଣାରେ  ସଞ୍ଜୟ ରାୟ ଦୋଷୀ ସାବ୍ୟସ୍ତ; ଆସନ୍ତା ସୋମବାର ହେବ ଦଣ୍ଡ ଘୋଷଣା

- ଇରାନ୍‌ର ସୁପ୍ରିମକୋର୍ଟ ପରିସରରେ ଏକ ଆତତାୟୀର  ଗୁଳିମାଡ଼ରେ ଦୁଇ ଜଣ ବିଚାରପତିଙ୍କ ମୃତ୍ୟୁ

ଏବଂ

- ଆଗାମୀ ଆଇସିସି ଚାମ୍ପିଅନ୍ସ ଟ୍ରଫି ଏବଂ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ପାଇଁ ୧୫ ଜଣିଆ ଦଳ ଘୋଷଣା କଲା ବିସିସିଆଇ

# ପିଏମ୍-ସ୍ୱାମିତ୍ୱ କାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗ୍ରାମାଞ୍ଚଳ ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି । ଗ୍ରାମବାସୀଙ୍କ ବିକାଶ ଏବଂ ସେମାନଙ୍କ ପାଖରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପହଞ୍ଚାଇବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଭବିଷ୍ୟତ ଯୋଜନା ସଂପର୍କରେ ମଧ୍ୟ ସୂଚନା ପ୍ରଦାନ କରିଛନ୍ତି । ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପତ୍ତି କାର୍ଡ ପ୍ରଦାନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆଜି ସ୍ୱାମୀତ୍ୱ ଯୋଜନା ଅଧୀନରେ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ ୫୦ ହଜାରରୁ ଅଧିକ ଗ୍ରାମର ୬୫ ଲକ୍ଷ ଗ୍ରାମବାସୀଙ୍କୁ ସମ୍ପତ୍ତି କାର୍ଡ ବଣ୍ଟନ କରିଛନ୍ତି । ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗକୁ ନେବା ଲକ୍ଷ୍ୟରେ ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ଏହି ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଅତ୍ୟାଧୁନିକ ଡ୍ରୋନ୍ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମଗୁଡ଼ିକର ଜନବସତି ଅଞ୍ଚଳରେ ଘର

ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅଧୀନରେ ରେକର୍ଡ ଅଫ୍ ରାଇଟସ୍ ପ୍ରଦାନ କରାଯାଇଥାଏ ।

ବର୍ତ୍ତମାନ ୩ ଲକ୍ଷ ୧୭ ହଜାରରୁ ଅଧିକ ଗ୍ରାମରେ ଡ୍ରୋନ୍ ସର୍ଭେ ଶେଷ ହୋଇଛି, ଯେଉଁଥିରେ ୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଥିବା ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିଭଳି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଲାଗି ୨ କୋଟି ୨୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି । ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଓ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇସାରିଛି । ତେବେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଛତିଶଗଡ଼ ସମେତ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ ଡ୍ରୋନ୍ ସର୍ଭେ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଥିବା ଜଣାପଡ଼ିଛି ।

## ଦିଲ୍ଲୀ-ଇଲେକ୍ସନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଗତକାଲି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବାପରେ ଆଜିଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ୧ ହଜାର ୫୨୧ ଜଣ ପ୍ରାର୍ଥୀ ଏହି ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ, ନାମାଙ୍କନପତ୍ର ଦାଖଲର ଶେଷ ଦିନ ୬୮୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଚଳିତ ମାସ ୧୦ ତାରିଖରୁ ଏହି

ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଆସନ୍ତା ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

ସୂଚନାଯୋଗ୍ୟ, ଆସନ୍ତାମାସ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭା ଲାଗି ଏକକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବା ସହ ୮ ତାରିଖ ଦିନ ଭୋଟ୍ ଗଣତି କରାଯିବ ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୧୮ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱାର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାପ୍ରସାରଣ ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ଡବ୍ଲ୍ୟୁବି-ଆର୍‌ଜି କର ଭରଡିକ୍ଟ

ପଶ୍ଚିମବଙ୍ଗ ଆରଜି କର ମେଡିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଆଜି ସିଆଲଦା କୋର୍ଟ ସଞ୍ଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୦ରେ ହେବ। ସେହିଦିନ କୋର୍ଟ ଦଣ୍ଡାଦେଶ ଶୁଣାଇପାରନ୍ତି ବୋଲି ଆଶା କରାଯାଉଛି।

ଗତ ବର୍ଷ ଅଗଷ୍ଟ ୯ ତାରିଖରେ ଆର.ଜି କର ମେଡିକାଲ କଲେଜର ଏକ ସେମିନାର ହଲରୁ ସ୍ନାତକୋତ୍ତର ପ୍ରଶିକ୍ଷାର୍ଥୀ  ଡାକ୍ତରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ସଞ୍ଜୟ ରାୟଙ୍କୁ ଅଗଷ୍ଟ ୧୦ରେ କୋଲକାତା ପୋଲିସ ଗିରଫ କରିଥିଲା ଓ ପରେ ତାଙ୍କୁ ସିବିଆଇଙ୍କୁ ହସ୍ତାନ୍ତର କରାଯାଇଥିଲା।

## ସିଙ୍ଗାପୁର ରାଷ୍ଟ୍ରପତି- ଓଡ଼ିଶା

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍‌ମୁଗ୍ ରତ୍ନମ୍ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ଆଜି ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

ଏହା ପୂର୍ବରୁ ସିଙ୍ଗାପୁର ରାଷ୍ଟ୍ରପତି ସକାଳେ ପୁରୀ ଜିଲ୍ଲାର ରଘୁରାଜପୁର ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ

କରିଥିଲେ । ଶ୍ରୀ ରତ୍ନମ୍ ସ୍ଥାନୀୟ ଲୋକଙ୍କ ଘରେ ପଟ୍ଟଚିତ୍ର ତିଆରି ଶୈଳୀ ଦେଖିବା ସହ ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ ।

## ଇରାନ-କିଲ୍ଡ

ଇରାନର ତେହେରାନ ସୁପ୍ରିମ୍‌କୋର୍ଟ ପରିସରରେ ହୋଇଥିବା ଗୁଳିକାଣ୍ଡରେ ଆଜି ଦୁଇ ଜଣ ବିଚାରପତିଙ୍କ ମୃତ୍ୟୁ ଘଟିଛି । ସୁପ୍ରିମକୋର୍ଟର ୩ ଜଣ ବିଚାରପତିଙ୍କୁ ଲକ୍ଷ୍ୟ କରାଯାଇ ଗୁଳିମାଡ଼ ହୋଇଥିବା ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ଘଟଣାସ୍ଥଳରେ ୨ ଜଣ ବିଚାରପତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବିଚାରପତି ଆହତ ହୋଇଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୁଳି ଚଳାଇବା ପରେ ଆକ୍ରମଣକାରୀ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲା । ଆକ୍ରମଣର ଉଦ୍ଦେଶ୍ୟ ଅସ୍ପଷ୍ଟ ରହିଛି । ଆକ୍ରମଣକାରୀଙ୍କର ସୁପ୍ରିମକୋର୍ଟରେ କୌଣସି ବିଚାରାଧୀନ ମାମଲା ନଥିଲା ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଇସ୍ରାଏଲ ପଣବନ୍ଦୀ ଚୁକ୍ତି

ଇସ୍ରାଏଲ ନିରାପତ୍ତା ପରିଷଦ ହମାସ ସହିତ ପଣବନ୍ଦୀ ମୁକ୍ତି ଏବଂ ଅସ୍ତ୍ରବିରତି ସଂକ୍ରାନ୍ତ ଚୁକ୍ତି ଅନୁମୋଦନ କରିବା ପରେ ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ ୭୩୫ ଜଣ ପାଲେଷ୍ଟାଇନ୍ ବନ୍ଦୀଙ୍କୁ ମୁକ୍ତ କରିବ । ଇସ୍ରାଏଲର

ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଆସନ୍ତାକାଲିଠାରୁ ଏହି ଚୁକ୍ତି ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ।

ପ୍ରଥମ ପର୍ଯ୍ୟାୟ ୪୨ ଦିନ ଧରି ଚାଲିବ ଏବଂ ଏହି ସମୟରେ ୩୩ ଜଣ ଇସ୍ରାଏଲ ବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି। ୧୬ରୁ ୧୮ ବର୍ଷ ବୟସର ୨୫ ଜଣ ନାବାଳକଙ୍କୁ ବାଦ୍ ଦେଲେ ମୁକ୍ତି ପାଇଁ ପ୍ରସ୍ତୁତ ସମସ୍ତ କଏଦୀଙ୍କ ନାମ ମନ୍ତ୍ରଣାଳୟ ଜାରି କରିଛି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆସନ୍ତାକାଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମହମ୍ମଦ ଅହମ୍ମଦ ଏବଂ ପରିବହନ ବିଶେଷଜ୍ଞ ଅନିଲ ଚିକାରାଙ୍କ ସହ 'ସଡ଼କ ନିରାପତ୍ତା ସୁନିଶ୍ଚିତତା' ଉପରେ ଏକ ଆଲୋଚନାର ସିଧାପ୍ରସାରଣ ହେବ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଆମର  ବିଶେଷଜ୍ଞମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିବାର ସୁଯୋଗ ପାଇବେ।

ଏଥିପାଇଁ ଶ୍ରୋତାମାନେ ଆସନ୍ତାକାଲି ରାତି ସାଢ଼େ ୯ଟାରୁ ଆକାଶବାଣୀର ଟେଲିଫୋନ୍ ନମ୍ବର ୦୧୧- ୨୩୪-୨୧୦-୫୦ ଓ ୦୧୧-୨୩୩୧-୪୪୪୪କୁ ଡାଏଲ୍ କରି ସେମାନଙ୍କର ପ୍ରଶ୍ନ

ପଚାରିପାରିବେ। ଏତଦ୍‌ବ୍ୟତୀତ ଶ୍ରୋତାମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ୯୨୮୯୦୯୪୦୪୪ ନମ୍ବରକୁ ପ୍ରଶ୍ନ ପଠାଇପାରିବେ କିମ୍ବା ଆସ୍କ ଏ.ଆଇ.ଆର୍. ହ୍ୟାସଟ୍ୟାଗ୍ ସହ ସାମାଜିକ ଗଣମାଧ୍ୟମ ଏକ୍ସରେ ମଧ୍ୟ ନିଜର ପ୍ରଶ୍ନ ପଚାରିପାରିବେ।

## ବସିସିଆଇ-ଆଇସିସି ସ୍କ୍ୱାର୍ଡ

ଆଗାମୀ ଆଇସିସି ଚାମ୍ପିୟନ୍ସ ଟ୍ରଫି ଏବଂ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ବିସିସିଆଇ ୧୫ ଜଣିଆ ଦଳ ଘୋଷଣା କରିଛି। କୁଲଦୀପ ଯାଦବ, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସାମିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିବା ବେଳେ ରୋହିତ ଶର୍ମା (ଅଧିନାୟକ) ଏବଂ ଶୁଭମନ ଗିଲ୍ ଉପ ଅଧିନାୟକ ରହିଛନ୍ତି। ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ବିରାଟ କୋହଲି, ଶ୍ରେୟାସ ଆୟାର, କେ.ଏଲ୍. ରାହୁଲ, ହାର୍ଦ୍ଦିକ ପାଣ୍ଡିଆ, ଅକ୍ଷର ପଟେଲ, ଓ୍ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ ଏବଂ ରବୀନ୍ଦ୍ର ଜାଡେଜା ଦଳରେ ସ୍ଥାନ ପାଇଛନ୍ତି।

ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ପାଇଁ ଦୁବାଇ ଯିବା ପୂର୍ବରୁ ଭାରତ ଫେବ୍ରୁଆରି ୬, ୯ ଓ ୧୨ରେ ଇଂଲଣ୍ଡ ବିପକ୍ଷରେ ତିନୋଟି ଦ୍ୱିପାକ୍ଷିକ ଦିନିକିଆ ଖେଳିବ। ଚାମ୍ପିୟନ୍ସ ଟ୍ରଫିର ଗ୍ରୁପ୍ 'ଏ'ରେ ଥିବା ଭାରତ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଅଭିଯାନ ଆରମ୍ଭ କରିବା ପରେ ଫେବୃଆରୀ ୨୩ରେ ପାକିସ୍ତାନ ଓ ମାର୍ଚ୍ଚ

୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଭାରତ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ହାଇଦ୍ରାବାଦ ତୁଫାନ୍ସ ୩-୦ ଗୋଲ୍‌ରେ ଆଗୁଆ ରହିଛି । ଅନ୍ୟ ଏକ ମ୍ୟାଚ୍‌ରେ ରାତି ୮ଟା ୧୫ ମିନିଟ୍ ସମୟରେ ଟିମ୍ ଗୋନାସିକା ଓ ୟୁପି ରୁଦ୍ରାସ ମଧ୍ୟରେ ମୁକାବିଲା ହେବ।

## ବ୍ୟାଡମିଣ୍ଟନ

ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚିରାଗ ସେଟ୍ଟି ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ଆଜି ସେମିଫାଇନାଲ୍ ଖେଳିବେ । ନୂଆଦିଲ୍ଲୀର କେ.ଡି. ଯାଦବ ଇନ୍‌ଡୋର ଷ୍ଟାଡିୟମରେ ଆଉ କିଛି ସମୟ ପରେ ଏହି ଭାରତୀୟ ଯୋଡ଼ି ତୃତୀୟ ମାନ୍ୟତାପ୍ରାପ୍ତ ମାଲେସିଆର ଗୋହ ସେଫେଇ ଏବଂ ନୁର୍ ଇଜୁଦ୍ଦିନଙ୍କ ଯୋଡ଼ିକୁ ଭେଟିବେ । କ୍ୱାର୍ଟର ଫାଇନାଲ୍‌ରେ ଗତକାଲି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ଜିନ ୟୋଙ୍ଗ ଏବଂ କାଙ୍ଗ ମିନ ହ୍ୟୁକ୍‌ଙ୍କ ଯୋଡ଼ିକୁ ୨୧-୧୦ ଏବଂ ୨୧-୧୭ ପଏଣ୍ଟରେ ପରାସ୍ତ କରିଥିଲେ ।

# ଅଣ୍ଡର-୧୯ ମହିଳା କ୍ରିକେଟ

ଆଇସିସି ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ମାଲେସିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ, ସ୍କଟଲାଣ୍ଡକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରିଛି। ସେହିପରି ସାମୋଆ ଓ ନାଇଜେରିଆ ମଧ୍ୟରେ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଅନ୍ୟ ଏକ ବର୍ଷା ବାଧାପ୍ରାପ୍ତ ଆୟରଲାଣ୍ଡ-ଇଂଲଣ୍ଡ ମ୍ୟାଚ୍ ଅମୀମାଂସିତ ରହିଥିଲା।

ଗତଥରର ଚାମ୍ପିଅନ ଭାରତ ଆସନ୍ତାକାଲି ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣର ଫାଇନାଲରେ ଇଂଲଣ୍ଡକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଚଳିତ ଥର ଚାରୋଟି ଗ୍ରୁପ୍‌ରେ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ଭାରତ' ମାଲେସିଆ, ଶ୍ରୀଲଙ୍କା ଓ ଓ୍ୱେଷ୍ଟଇଣ୍ଡିଜ ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଆସନ୍ତା ମାସ ଦୁଇ ତାରିଖରେ କ୍ୱାଲାଲାମପୁରର ବାୟୁମାସ୍ ସ୍ଥିତ ଓଭାଲ ଷ୍ଟାଡିୟମରେ ଖେଳାଯିବ।